୨୦୦୫ (ଶ୍ରୀ ବୌଦ୍ଧିକ ମଡେଲ ୟୁନାଇଟେଡ ନେସନ୍ସ) ନାମରେ ମିଳିତ ଜାତିସଂଘର ଶିକ୍ଷାର ବିକାଶ ସମ୍ପର୍କିତ କର୍ମଶାଳା ଉଦ୍‌ ଯାପିତ ହୋଇଯାଇଛି । ଏପରି କର୍ମଶାଳାରେ ଯୋଗ ଦେଇଥିବା ଛାତ୍ରଛାତ୍ରୀ ମାନେ ଶିକ୍ଷା କ୍ଷେତ୍ରରେ ବହୁତ ଉପକୃତ ହେବା ସହ ସଚିବ ମଣ୍ଡଳରେ ପ୍ରବଳ ଉତ୍ସାହ ଦେଖା ଯାଇଥିଲା । ଅନ୍ତିମ ଦିବସରେ ମୁଖ୍ୟ ଅତିଥି ରୂପେ ରଙ୍ଗେଇରୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ଯୋଗ ଦେଇ ଏପରି ଶିକ୍ଷା ସଂପର୍କିତ କର୍ମଶାଳା ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ଜ୍ଞାନର ବିକାଶ ହୋଇଥିବ ବୋଲି କହିବା ସହ ସମସ୍ତେ ନିଜେ ନିଜକୁ ଜଣେ ପ୍ରତିଭାବାନ ଭାବେ ଗଢିବାକୁ ପରାମର୍ଶ ଦେଇଥିଲେ ।ଆଗକୁ ମଧ୍ୟ ଏପରି ଛାତ୍ରଛାତ୍ରୀ ଙ୍କ ଲାଗି କର୍ମଶାଳାର ଆବଶ୍ୟକତା ନିହାତି ଜରୁରୀ ବୋଲି କହିଥିଲେ । ଅନ୍ୟତିନ ମାନଙ୍କରେ ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାଳ୍ ସାମନ୍ତରାୟ ,ମହାନଗର ନିଗମ ଡେପୁଟି କମିଶନର ଜଲ୍ୟାଶ୍ରୀ ସଂଘମିତ୍ରା ପ୍ରମୁଖ ଅତିଥି ଭାବେ ଯୋଗ ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣେଇ ଥିଲେ ।ସ୍କୁଲ ଅଧ୍ୟକ୍ଷ ଜ୍ୟୋତି ପ୍ରକାଶ ତ୍ରିପାଠୀ, ସ୍କୁଲ ଚେୟାରମ୍ୟାନ ଗୋରା ଶଙ୍କର ପଣ୍ଡା, ସମ୍ପାଦିକା ପ୍ରିୟମ୍ବଦା ଦାସ, ସହ ନିର୍ଦ୍ଦେଶକ କୁନାଇ କୌଶିକ ପଣ୍ଡା , ରାହୁଲ ରାଜ୍ ପଣ୍ଡା, ରୋନାଲ ଏକାଡେମୀକ ଅଫିସର ଡ.ବିନାୟକ ସାହୁ , ଆମ୍ବୁଜା ସ୍କୁଲ ଅଧ୍ୟକ୍ଷ ତଥା ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବାହୁଁ ଚରଣ ପଣ୍ଡା, ଉପାଧକ୍ଷ ପ୍ରକାଶ ପଲେଇ ଙ୍କ ସମେତ ସ୍କୁଲ ର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ଏହି ଅବସରରେ ଉପସ୍ଥିତ ଥିଲେ । ଏହି କର୍ମଶାଳାରେ ବିଭିନ୍ନ ବିଦ୍ୟାଳୟ ର ପ୍ରାୟ ୫୦୦ ଜଣ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ ।

ରାୟଗଡ଼ା ଜିଲ୍ଲା ଅନ୍ତର୍ଗତ ନିୟମଗିରିରୁ 'ଦୁଆରେ ପ୍ରଶାସନ' କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ଜିଲ୍ଲାପାଳ

ରାୟଗଡ଼ା : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଐତିହାସିକ ତଥ୍ୟ ଲୋଡାଭିମୁଖୀ ଯୋଜନା 'ପିଏମ ଜନମନ'ର ଲକ୍ଷ୍ୟ ସହ

ସମୃଦ୍ଧି ଏବ ଅନଜ୍ୟ ପ୍ରୟୋଗ ଭାବେ ରାୟଗଡା ଜିଲ୍ଲା ପ୍ରଶାସନ, ଓଡ଼ିଶାର ପ୍ରଥମ ଜରି (ପିଭିଟିଜି), ବିଶେଷ ଭାବେ ପ୍ରଭାବିତ ଜନଜାତିଙ୍କ ନିମନ୍ତେ ଘର ପର୍ଯ୍ୟନ୍ତ ସେବା ପହଞ୍ଚାଇବା ଲକ୍ଷ୍ୟ ରେ ଆଜି ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି । ରାୟଗଡା ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣିଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନ ରେ ଏହି କାର୍ଯ୍ୟକ୍ରମଟି ସମ୍ପର୍କତାର ସହ ରାୟଗଡ଼ା ଜିଲ୍ଲା ବିଶ୍ୱମଦଟଦ ବ୍ଲକ ନିୟମଗିରି ର ବୁର୍ଲି ପଞ୍ଚାୟତ ଠାରେ ଉଦଘାଟନ ହୋଇଯାଇଛି । ବିଶ୍ୱମାକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପଟ୍ଟନାୟକ ଏବଂ ସହକାରୀ ଯନ



୪ ବର୍ଷ ହେଲା ସରୁନି ରାସ୍ତା କାମ, ବିଭାଗୀୟ ଅଧିକାରୀଙ୍କ ରାସ୍ତା ପ୍ରତି ଗୁରୁତ୍ୱ ନାହିଁ

ଫିରିଙ୍ଗିଆ : କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କୁଏରମାଣ୍ଡୁ ପଞ୍ଚାୟତ କୋଇମପଲା ଠାରୁ ସମୁକୋସା ପର୍ଯ୍ୟନ୍ତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ମାଧ୍ୟମରେ ରାସ୍ତା ନିର୍ମାଣ ସରୁନି ଯାହାକୁ ନେଇ ବିଭାଗୀୟ ଅଧିକାରୀ ରାସ୍ତା ପ୍ରତି ଗୁରୁତ୍ୱ ଦେଉନଥିବା ଅଭିଯୋଗ କରିଛନ୍ତି ଗ୍ରାମ ବାସୀ । ରାସ୍ତା ମାଟି ଖାଲଖମା ହୋଇ ପଡ଼ିରହିଛି ଦିର୍ଘ ୪ ବର୍ଷ ହେଲାଣି ରାସ୍ତା ନିର୍ମାଣ ଚାଲି ଥିଲେ ମଧ୍ୟ ଏଯାଏଁ ଶେଷ ହୋଇପାରୁନାହିଁ । ମାଟି ଖାଲଖମା ରହିଥିବାରୁ ଯାତାୟାତ ସମ୍ପୁର୍ଣ ବାଧାପ୍ରାପ୍ତ ହୋଇଛି । ରାସ୍ତା ସମସ୍ୟା ନେଇ ବାରମ୍ବାର ଦାଇତ୍ୱ ରେ ଥିବା ଯନ୍ତ୍ରୀ ଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଗଲେ ମଧ୍ୟ ମତାମତ ଦେଇନାହାନ୍ତି । ତେଣୁ ଅଞ୍ଚଳ ବାସୀ ଯନ୍ତ୍ରୀ ଓ ଦାଇତ୍ୱ ଥିବା ଠିକାଦାରଙ୍କ ଅବହେଳା ଯୋଗୁଁ ଦିର୍ଘ ବର୍ଷରୁ ନିମ୍ନମାନର କାମ ଚାଲି ଥିବା ବେଳେ ରାସ୍ତା କାମ ଶେଷ ହୋଇ ପାରୁନାହିଁ ବୋଲି ଅଭିଯୋଗ କରିଛନ୍ତି । ବର୍ଷା ହେଲେ ରାସ୍ତାରେ ପାଣି ଜମି ଯାତାୟତ ବାଧା ଉପୁଜିଛି । ମୁଖ୍ୟତଃ ଏହି ରାସ୍ତା ଦେଇ ପ୍ରତିଦିନ ଅଙ୍ଗନଓ୍ୱାଡି ଓ ପ୍ରାଥମିକ ବିଦ୍ୟାଳୟ କୁ ଯାଉଥିବା ଛୋଟ ଛୋଟ ପିଲାମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପ୍ରସବ କାଳୀନ ଯାନ ଯାତାୟତରେ ଘୋର ସମସ୍ୟା ଉପୁଜୁଛି। ଏହି ଅଞ୍ଚଳ ବାସୀ ପଞ୍ଚାୟତ କାର୍ଯ୍ୟାଳୟଠାରୁ ବ୍ଲକ କାର୍ଯ୍ୟାଳୟ, ଡାକ୍ତରଖାନା , ହାଇସ୍କୁଲ ଓ କଲେଜ ଏହି ରାସ୍ତା ଦେଇ ପ୍ରତିଦିନ ଯାତାୟତ କରୁଛନ୍ତି। ତେଣୁ ତୁରନ୍ତ ରାସ୍ତାକୁ ପକ୍କା କରି ପୂର୍ଣାଙ୍ଗ ରାସ୍ତା କରିବା ପାଇଁ ବିଭାଗୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

ସୁବର୍ଣ୍ଣଗିରୀଠାରେ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ

କୋଟଗଡ : କନ୍ଧମାଳ ଜିଲ୍ଲା କୋଟଗଡ ବ୍ଲକ ର ସୁବର୍ଣ୍ଣ ଗିରୀ ପଂଚାୟତ ଠାରେ ଭୀମଭୋର ଭିନ୍ନ କ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହୋଇଥିଲା କ୍ଷ ଏହି ସାମର୍ଥ୍ୟ ଶିବିର ରେ ୧୦ ଗୋଟି ପଂଚାୟତ ର ଜନ ସାଧାରଣ ଙ୍କୁ ନେଇ ଏହି କ୍ୟାମ୍ପ କରାଯାଇଥିଲା, ଏଥିରେ ଅଷ୍ଥିଶଲ୍ୟ ବିଭାଗ (ଓଏଚ)୮୭, ଦୃଷ୍ଟି/ବଧିର (ଭି ଆଇ)୨୬, ମଣ୍ଡିଷ୍କ ଘାତ/ବୈଦ୍ଧିକ ଅସାମର୍ଥତା (ସିପି/ଆଇଡି)୨୮, ଶ୍ରବଣ ଶକ୍ତି ବାଧିତ (ଏଚ ଆଇ)୪୫, ରକ୍ତ ଶିକୁଡି ୧୨ଜଣ, ସମୁଦାୟ ପୁଞ୍ଜିକରଣ କରିଥିଲେ ୩୩୧ଜଣ ସେଥିମଧ୍ୟରୁ ବାଦ ପଡିଲେ ୧୩୩ ଜଣ, ଯୋଗ୍ୟ ୧୯୮ ଜଣ ଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇଁ ଯୋଗ୍ୟ ହୋଇଥିବା କହିଛନ୍ତି କୋଟଗଡ ବିଏସ ଏସଓ ଅଶୋକ କୁମାର ଗୌଡ଼ କ୍ଷ ସେଥିମଧ୍ୟରୁ ୩ ଜଣ ଙ୍କୁ ହୁଇଲ ଚ୍ୟାର, ୨ଜଣ ଙ୍କୁ ଆଶା ବାଡ଼ି, ଏଲବୋ କ୍ରାଚ୍ଚ ୧ ଜଣ କୁ ଦିଆଯାଇଥିବା କହିଛନ୍ତି କ୍ଷ ଏହି ଶିବିର କାର୍ଯ୍ୟକ୍ରମ ରେ ଯୋଗ ଦେଇ ଥିଲେ ଡିଏସଏସଓ ପି.ପଦ୍ମା, ବିଏଫଓ ସଞ୍ଜୟ କୁମାର ରାଉଳ, ଆଇ /ସି ବିଏସ ଏସଓ ସୁଶାନ୍ତ ଧୋଳ, ମଙ୍ଗଳ ଅଧିକାରୀ ଦୀପକ କୁମାର ସିଂ, ପିଏ ଭଞ୍ଜନ ପ୍ରଧାନ, ଜିଲ୍ଲା ପରିଷଦ ଜ୍ରିମିୟ ସୁନାମାଝି, ସ୍ଥାନୀୟ ସରପଞ୍ଚ ସମନାଥ ପ୍ରଧାନ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଓଡିଶା ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ

କନ୍ଧମାଳ : ଅଦ୍ୟ ତା. ୧୮.୧୦. ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଗାମୀ ଅକ୍ଟୋବର ୨୯ ତାରିଖରେ ଜିଲ୍ଲାର ସମସ୍ତ ବ୍ଲକ, ଏନ. ଏ. ସି ଏବଂ ଜିଲ୍ଲା ସ୍ତରରେ ଅନୁଷ୍ଠିତ ହେବାକୁ ଥିବା ଓଡିଶା ବିପର୍ଯ୍ୟୟ ପରିଚାଳନା ଦିବସ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ, ବୌଦ୍ଧ ଶ୍ରୀଯୁକ୍ତ ବିଭୁତି ଭୂଷଣ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ୧୯୯୯ ମସିହା ଅକ୍ଟୋବର ୨୯ ଘଟିଥିବା ମହାବାତ୍ୟାରେ ହୋଇଥିବା କ୍ଷୟକ୍ଷତିର ପୁନରାବୃତ୍ତି ନ' ହେବା ପାଇଁ ସମସ୍ତେ ସବୁ ସମୟରେ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ କ୍ଷ ସି ଡ଼ି ଓ ଶ୍ରୀଯୁକ୍ତ ଦଣ୍ଡସନା ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଯୁବ ବର୍ଗ ଙ୍କୁ ସାମିଲ କରିବା ପାଇଁ ଏବଂ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ପ୍ରଧାନ ତଳ ସ୍ତର ରୁ ସମସ୍ତଙ୍କୁ ସତର୍କ କରିବା, ତ୍ୱରିତ ପଦକ୍ଷେପ ନେବା ଦ୍ୱାରକ୍ଷ ପ୍ରାକୃତିକ ବିପର୍ଯ୍ୟୟକୁ ରୋକାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ କ୍ଷ ସମସ୍ତ ବ୍ଲକ, ଜିଲ୍ଲା ସ୍ତରରେ ଏହା ପାଳନ କରାଯିବା ପାଇଁ ବୈଠକରେ ସ୍ଥିର କରାଗଲା କ୍ଷ ଜିଲ୍ଲା ଏବଂ ପ୍ରତ୍ୟେକ ବ୍ଲକ ସ୍ତରରେ ଏହି ଦିବସ ଉପଲକ୍ଷେ ୩୦୦ ରୁ ଉର୍ଦ୍ଧ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ଅଧିକାରୀ, କର୍ମଚାରୀ, ଗଣ ମାଧ୍ୟମର ପ୍ରତିନିଧି ବୃନ୍ଦ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ସମାଜସେବୀ, ମେଡିକାଲ ଟିମ, ଓଡ୍ରାଫଟ ଟିମ, ଅଗ୍ନିଶମ ଟିମ, ପଂଚାୟତ ର ପ୍ରତିନିଧି ତଥା ସମସ୍ତ ଜନ ପ୍ରତିନିଧିଙ୍କ ଉପସ୍ଥିତି ରେ ସଚେତନତା ରାଲି, ଶପଥ ପାଠ, ଏହି ଦିବସ ପାଳନ ଉପଲକ୍ଷେ ସାଧାରଣ ସଭା, ବିଜୁଳି, ସର୍ପଦ୍ଷାତ ଭଳି ବିପଦରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଉପାୟ ପ୍ରଦର୍ଶନ (ଡେମନଷ୍ଟ୍ରେସନ) ମାଧ୍ୟମରେ ସଚେତନତା କରାଯିବ କ୍ଷ ଏହି ଉପଲକ୍ଷେ ବ୍ଲକ ସ୍ତରରେ ଏବଂ ଜିଲ୍ଲା ସ୍ତରରେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ବକ୍ତୃତା, ଚିତ୍ରାଙ୍କ ନ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତୀ ଛାତ୍ର ଛାତ୍ରୀଙ୍କୁ ଏହି ଦିବସ ପାଳନ ଅବସରରେ ପୁରସ୍କୃତ କରାଯିବ କ୍ଷ ଏହି ପ୍ରତିଯୋଗିତା କରିବା ପାଇଁ ବ୍ଲକ ସ୍ତରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ସ୍ତରରେ ଜିଲ୍ଲା ଶିକ୍ଷଣ ଅଧିକାରୀ ପ୍ରତିଯୋଗିତା କରାଇବେ କ୍ଷ ଏଥି ସହ ବିଭିନ୍ନ ସମୟ ରେ ପ୍ରାକୃତିକ ବିପର୍ଯ୍ୟୟ ର ମୁକାବିଲାରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ଏବଂଭଲ କାମ କରୁଥିବା ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷ ଙ୍କୁ ପୁରସ୍କୃତ କରାଯିବ କ୍ଷ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର ଓ ଅନ୍ୟାନ୍ୟ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ କ୍ଷ ଏହି ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କର ମଧ୍ୟ ଆଲୋଚନା କରାଯାଇଥିଲା । ଏହି ବୈଠକ ରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସୁଧର୍ମା ମଲ୍ଲିକ ବୈଠକରେ ସମସ୍ତ ଙ୍କୁ ସ୍ୱାଗତ କରିଥିଲେ ଏବଂ ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଓ ଏସ ଡ଼ି ଏମ ଏ ସଞ୍ଜୟ ଝା ବୈଠକ କୁ ପରିଚାଳନା କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମକୁ ସଫଳ ଭାବେ ସମ୍ପାଦନ କରିବା ପାଇଁ ଜିଲ୍ଲା ସ୍ତରରେ ଶ୍ରୀଯୁକ୍ତ ମଲ୍ଲିକ ଏବଂ ଶ୍ରୀଯୁକ୍ତ ଝାଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ବ୍ଲକ ସ୍ତରରେ ବି. ଡ଼ି. ଓ ଏବଂ ଏ ନ. ଏ. ସି ସ୍ତର ରେ ନିର୍ବାହୀ ଅଧିକାରୀ ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା ।

ଆରକ୍ଷୀ ଅଧୀକ୍ଷକଙ୍କ ସମ୍ମିଳନୀ କକ୍ଷରେ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଶୁଭାରମ୍ଭ

କଣ୍ଧମାଳ : ବୌଦ୍ଧ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ସାଇବର ସୁରକ୍ଷା ଅଭିଯାନର ଶୁଭାରମ୍ଭ ହୋଇ ଯାଇଛି କ୍ଷ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ ସ୍ଥଳରୁ ଆଭାସୀ ମାଧ୍ୟମରେ ଓଡିଶାର ମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଶୁଭାରମ୍ଭ କରିଥିଲେ । ବୌଦ୍ଧଠାରେ ଅନୁଷ୍ଠିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ବୌଦ୍ଧ ଶ୍ରୀଯୁକ୍ତ ବିଭୁତି ଭୂଷଣ ନାୟକ, ଆରକ୍ଷୀ ଅଧୀକ୍ଷକ ଶ୍ରୀଯୁକ୍ତ ରାହୁଲ୍ ଗୋୟଲ, ଅତିରିକ୍ତ ଜିଲ୍ଲାପାଳଶ୍ରୀଯୁକ୍ତ ଅନିରୁଦ୍ଧ ପଧାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ସାର୍ଥକ ରଞ୍ଜଏ,ଡ଼ି ଏସ ପି, ଡ଼. ଆଇ. ବି, ଶ୍ରୀଯୁକ୍ତ ଗୌରାଙ୍ଗ ଚରଣ ସାହୁ, ସରଡେଣ୍ଟ ଖଗେଶ୍ୱର ବିଶ୍ୱାଳ,ଏ. ଡ଼ି. ଏମ. ଓ. ଡ଼. କିଶୋର ଚନ୍ଦ୍ର ପଟ୍ଟନାୟକ, ପରିବହନ ଅଧିକାରୀ ସୁଷମା ସାହୁ , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ପୋଲିସ ବିଭାଗର ବରିଷ୍ଠ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ସୂଚନା ଯୋଗ୍ୟ ଯେ ଏକ ମାସ ଧରି ସାରା ରାଜ୍ୟରେ ସାଇବର ସୁରକ୍ଷା ନେଇ ଜନ ସାଧାରଣଙ୍କୁ ସଚେତନ କରାଯିବ କ୍ଷ ସୁରକ୍ଷିତ ଓଡିଶା ଗଠନ ପାଇଁ, ଅନ ଲାଇନ ଠକେଇ ପ୍ରତି ସାବଧାନ ରହିବା ପାଇଁ ଲୋକଙ୍କୁ ସତର୍କ କରାଯିବ କ୍ଷ ସାଇବର ସେପଟି କ୍ୟାମ୍ପେନ ମାଧ୍ୟମରେ ସାଇବର ଅପରାଧକୁ ରୋକାଯାଇ ପାରିବ।

କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲେ ଶାସନ ସଚିବ ଶ୍ରୀ ଭୂପେନ୍ଦ୍ର ସିଂହ ପୁନିଆ

କେନ୍ଦୁଝର : ଶାସନ ସଚିବ ଶ୍ରୀ ଭୂପେନ୍ଦ୍ର ସିଂହ ପୁନିଆ ମହୋଦୟ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ। କେନ୍ଦୁଝର ଜିଲ୍ଲା ଗସ୍ତରେ ଥିବା ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା, କମିସନର ତଥା ଶାସନ ସଚିବ ଶ୍ରୀ ଭୂପେନ୍ଦ୍ର ସିଂହ ପୁନିଆ ମହୋଦୟ କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପରିଦର୍ଶନ କରି କର୍ମଚାରୀ ଓ ରୋଗୀଙ୍କ ସହ ସେବା ସମ୍ପର୍କରେ ଆଲୋଚନା କରିଛନ୍ତି । ଏହି ଚିକିତ୍ସାଳୟ ରେ ଡାକ୍ତର ମାନେ କିପରି ରୋଗୀ ମାନଙ୍କୁ ଚିକିତ୍ସା କରୁଛନ୍ତି ତାହା ବିଷୟରେ ସେ ରୋଗୀ ମାନଙ୍କୁ ପଚାରି ବୁଝିଥିଲେ ଏବଂ କିପରି ଉନ୍ନତ ଧରଣର ଏବଂ ଅତ୍ୟାଧୁନିକ କୌ।ଶଳ ରେ ରୋଗୀ ମାନଙ୍କର ଚିକିତ୍ସା ହୋଇପାରିବ, ତାହା ବିଷୟରେ ଚିକିତ୍ସାଳୟ ର କତୃପକ୍ଷ ଏବଂ ଡାକ୍ତର ମାନଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ତା ସହିତ ରୋଗୀ ମାନଙ୍କର ଶଯ୍ୟା ପାଇଁ ବେଡ ପର୍ଯ୍ୟାପ୍ତ ଏବଂ ଖାଦ୍ୟ ପାନ କିପରି ଉନ୍ନତ ମାନର ହୋଇ ପାରିବ ତାହା ବିଷୟରେ ମଧ୍ୟ ସେ ଚିକିତ୍ସାଳୟର କତୃପକ୍ଷ ଙ୍କ ସହ ଆଲୋଚନା କରିଛନ୍ତି ଏବଂ ୧୦୮ ଆମ୍ବୁଲାନ୍ସ ଗାଡ଼ି ସେବା କିପରି ରୋଗୀ ମାନଙ୍କ ସେବା ରେ ସଠିକ୍ ସମୟରେ ପହଞ୍ଚି ପାରିବ ତାହା ବିଷୟରେ ମଧ୍ୟ ସେ ଚିକିତ୍ସାଳୟ ର କତୃପକ୍ଷ ଙ୍କ ସହ ଆଲୋଚନା କରିଛନ୍ତି ଏବଂ ଚିକିତ୍ସାଳୟ ର ସମସ୍ତ କୋଠରୀ ଓ ପରିସର କିପରି ସ୍ୱଚ୍ଛ ଓ ପରିମଳ ରହିବ, ତାହା ବିଷୟରେ ମଧ୍ୟ ଚିକିତ୍ସାଳୟ କତୃପକ୍ଷ ଙ୍କ ସହ ଆଲୋଚନା କରିଛନ୍ତି ଏବଂ ବିନା ଲାଞ୍ଚ ଏବଂ ବିନା ଟିପସ ରେ ଲାଞ୍ଚ ମୁକ୍ତ ଏବଂ ଦୁର୍ନୀତି ମୁକ୍ତ ହୋଇ ଡାକ୍ତରମାନେ ରୋଗୀ ମାନଙ୍କୁ ଚିକିତ୍ସା କରିବାକୁ ପରାମର୍ଶ ଦେଇଛନ୍ତି ଏବଂ ସତର୍କ କରିଛନ୍ତି। କେନ୍ଦୁଝର ଜିଲ୍ଲା ରେ ଆଦିବାସୀ ବହୁଳ ଜିଲ୍ଲା ହୋଇ ଥିବା ରୁ ଅନେକ ଆଦିବାସୀ ଅସହାୟ ଗରିବ ପରିବାର ପାଖରେ ପଇସା ଅଭାବରୁ ସେମାନେ ସରକାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି ,ଏଣୁ ରୋଗୀ ମାନଙ୍କୁ ଉତ୍କୃଷ୍ଟ ଚିକିତ୍ସା ସେବା ଯୋଗାଇଦେବାକୁ ସେ ଡାକ୍ତର ମାନଙ୍କୁ ପରାମର୍ଶ ଦେଇଛନ୍ତି । କୌ।ଣସି କୌ।ଣସି ଚିକିତ୍ସାଳୟରେ ଗର୍ଭବତୀ ମହିଳା ମାନଙ୍କୁ ପ୍ରଶବ କରିବା ପାଇଁ ରୋଗୀ ମାନଙ୍କଠାରୁ ୫ ହଜାର ଟଙ୍କା ରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ର କିଛି ଜନସାଧାରଣ ମାନେ ଅଭିଯୋଗ କରୁଛନ୍ତି। କିଛି ଜନସାଧାରଣ ମାନେ ଅଭିଯୋଗ ଆଣୁଛନ୍ତି କି, ଯଦି ପ୍ରସବ ସମୟରେ ଲାଞ୍ଚ ନ ଦେଲେ , ଗର୍ଭ ବତୀ ମହିଳା ମାନଙ୍କୁ ଅଧିକ ସମୟ ଜଷ୍ଟ ଯନ୍ତ୍ରଣା ସହିବାକୁ ଦିଅନ୍ତି ଏବଂ ପରେ ଅପ୍ରୋପଚାର କରି ପ୍ରଶବ କରିଥାନ୍ତି ବୋଲି କିଛି ଜନସାଧାରଣ ଅଭିଯୋଗ କରୁଛନ୍ତି।

ବୌଦ୍ଧରେ ଆରମ୍ଭ ହେଲା ସାଇବର ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ : ବୌଦ୍ଧରେ ଆରମ୍ଭ ହେଲା ସାଇବର ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ । ଏହି କାର୍ଯକ୍ରମ କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସି ମାଧ୍ୟମରେ ଉଦଘାଟନ କରିଛନ୍ତି । ଜିଲ୍ଲା ପୋଲିସ ପକ୍ଷରୁ ଏସପି ରାହୁଲ ଗୋଏଲ ଙ୍କ ଅଧକ୍ଷତାରେ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ଠାରେ ଏ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯକ୍ରମ ରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଙ୍କ ସମେତ ବହୁ ଅଧିକାରୀ, ସ୍କୁଲ କଲେଜ ର ଅଧକ୍ଷ, ବ୍ୟାଙ୍କ୍ କର୍ମଚାରୀ ସମେତ ବିଭିନ୍ନ ବିଭାଗ ସାମିଲ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ରେ କିଭଳି ଭାବେ ସାଇବର କ୍ରାଇମ କୁ ସମ୍ପୂର୍ଣ ଭାବେ ରୋକାଯାଇ ପାରିବ ସେଥିପାଇଁ ସଚେତନତା ଅଭିଯାନ ଆରମ୍ଭ କରାଯାଉଥିବା ସୂଚନା ଦେଇଛନ୍ତି ଏସପି । ସାଇବର ଠକ ମାନଙ୍କ ଠାରୁ କିଭଳି ଜିଲ୍ଲାର ସାଧାରଣ ଲୋକ ସୁରକ୍ଷା ପାଇବେ ସେଦିଗରେ ସମସ୍ତଙ୍କୁ ସଚେତନ ହେବାକୁ କହିବା ସହିତ ଗଣମାଧ୍ୟମ ମାଧ୍ୟମରେ ଏହି ଅଭିଯାନ ର ପ୍ରଚାର ଓ ପ୍ରସାର କରାଯିବ ବୋଲି କହିଛନ୍ତି । ସାଇବର ସତର୍କତା ବାର୍ତ୍ତା ନେଇ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ ତନ୍ମଧ୍ୟରୁ କିପରି ସାଇବର ଅପରାଧରୁ ସୁରକ୍ଷିତ ରହିବେ, ସୋସିଆଲ ମିଡ଼ିଆ ବ୍ୟବହାର କ୍ଷେତ୍ରରେ ସତର୍କତା, ପିଲାଙ୍କୁ କିପରି ସାଇବର ଅପରାଧରୁ ସୁରକ୍ଷିତ ରଖିବେ, ଆର୍ଥିକ କାରବାର ସମୟରେ ସତର୍କତା, ଅନଲାଇନ ସପିଙ୍ଗ ରେ ସତର୍କତା, ଲୋନ ଆପ ଠକେଇ, ନିଯୁକ୍ତି ଠକେଇ ଠାରୁ ସତର୍କ ରହିବା ସେ ନେଇ ଏହି ଅଭିଯାନ ରେ ବିଭିନ୍ନ ଅଞ୍ଚଳକୁ ଯାଇ ଅଙ୍ଗନଓ୍ୱାଡ଼ି କର୍ମୀ ଆଶା କର୍ମୀ ଙ୍କୁ ନେଇ ଘରକୁ ଘର ବୁଲି ସଚେତନ କରାଯିବ ଏବଂ ଏଥିସହିତ ମାରାଥନ ଦୌଡ ମଧ୍ୟ କରାଯିବ ବୋଲି କହିଛନ୍ତି । କୋଣସି ମୁହୂର୍ତ୍ତରେ ସାଇବର ଠକାମୀର ଶିକାର ହେଉଥିବା ଅନୁଭବ କଲେ ତୁରନ୍ତ ୧୯୩୦ ସହାୟତା ନମ୍ବର କୁ ଯୋଗାଯୋଗ କରି ପାରିବେ ବୋଲି ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ ସୂଚନା ଦେଇଛନ୍ତି ।

ଜେଜର ଶ୍ରାଦ୍ଧବାର୍ଷିକୀ ଭୋଜିରେ ଗରମ ଡାଲି ହାଣ୍ଡିରେ ପଡ଼ି ନାତିର ମୃତ୍ୟୁ

ମହାକାଳପଡ଼ା : ଜେଜ ର ଶ୍ରାଦ୍ଧବାର୍ଷିକୀ ଭୋଜି ପ୍ରସ୍ତୁତ ସମୟରେ ଗରମ ଡାଲି ହାଣ୍ଡି ରେ ପଡି ଚାରି ବର୍ଷ ର ନାତି ର ମୃତ୍ୟୁ ଘଟିଛି , ଏଭଳି ଦୁଃଖଦ ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ଥାନା ଅଧୀନ ବାରଡାଙ୍ଗ ପଂଚାୟତ ର ପାରେଶ୍ୱରପୁର(ବାଲି) ଗ୍ରାମ ରେ , ମଦନସୂନ୍ଦର ପ୍ରଧାନ (ପପୁ) ଚାରି ବର୍ଷର ପୁଅ ଓଁକାର ମୃତ୍ୟୁ ଘଟିଛି , ଘର ଅଗଣାରେ ଗତକାଲି , ସ୍ୱର୍ଗତ ମୁରଲୀଧର ପ୍ରଧାନ ଙ୍କ ପ୍ରଥମ ବାର୍ଷିକୀ ଶ୍ରାଦ୍ଧ ପାଇଁ ଭୋଜି ପ୍ରସ୍ତୁତ ଚାଲୁଥିବା ସମୟରେ ତିନି ବର୍ଷର ନାତି ଓଁକାର ପ୍ରଧାନ, ଖେଳୁଥିବା ସମୟରେ ଅସ୍ୱାଧାନାତ ବସତ ପଛୁଆ ପଛୁଆ ଆସି

ମୋ ସହର

ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରରେ ଜାତୀୟ ଆଲୋଚନାଚକ୍ର

କେନ୍ଦୁଝର : କେନ୍ଦୁଝର, ସରକାରୀ ମହିଳା ମହାବିଦ୍ୟାଳୟ, କେନ୍ଦୁଝରରେ ଉଦ୍ଭିଦ ବିଜ୍ଞାନ, ଜୀବତତ୍ତ୍ୱ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ ' ଜୈବ ବିବିଧତା ପାଇଁ ଆଶଙ୍କିକ ଓ ବୃତ୍ତାତ୍ମିକ ଚିନ୍ତାଧାରା ' ବିଷୟକ ଶୀର୍ଷକ ଦୁଇ ଦିବସୀୟ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଗତ ସାତନା ଦିବସରେ ପୌରୋହିତ୍ୟ କରିଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଲଳିତ ରଂଜନ ସାହୁ । ପ୍ରଥମ ଦିବସର ପ୍ରଥମ ଅଧିବେଶନରେ ପ୍ରଫେସର ଚିତ୍ତ ରଞ୍ଜନ ସାହୁଙ୍କ ଆବାହକତ୍ୱରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ବନାଂଚଳ ଅଧିକାରୀ ଶ୍ରୀ ଧନରାଜ ଏବଡି ଯୋଗଦେଇ ଜଙ୍ଗଲର ରକ୍ଷଣାବେକ୍ଷଣ ଓ ଉଦ୍ଭିଦର ସଂରକ୍ଷଣର ଆବଶ୍ୟକତା ରହିଛି କୋଲି ଆଲୋଚନା ରଖିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ପ୍ରଫେସର ପଦ୍ମଜା ଗୁଡିପାଲି ଓ ପ୍ରଫେସର ଶିବପ୍ରସାଦ ପରିଡା ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ବିବିଧ ପରିବେଶର ସନ୍ତୁଳନ , ବିଲୋପ ହେଉଥିବା ଉଦ୍ଭିଦର ସଂରକ୍ଷଣ ତଥା ଜୈବ ବିବିଧତା ପାଇଁ ସୁରକ୍ଷା ଓ ରକ୍ଷଣାବେକ୍ଷଣ ସମ୍ପର୍କରେ ଆଲୋଚନା ହୋଇଥିଲା ?। ଆଲୋଚନା ଗୁଡିକୁ ସମୀକ୍ଷା କରିଥିଲେ ଅନ୍ୟତମ ସମ୍ମାନିତ ଅତିଥି ପ୍ରଫେସର ବନବିହାରୀ ମିଶ୍ର । ଆଲୋଚନାଚକ୍ରର ପ୍ରମୁଖ ଭାଷଣ ପାଠ କରିଥିଲେ ପ୍ରଫେସର ରାକେଶ କୁମାର ସିଂ। ଦ୍ୱିତୀୟ ଅଧିବେଶନରେ ପ୍ରଫେସର ପ୍ରଫୁଲ୍ଲ ମହାନ୍ତି ଓ ଡ.ବିଜୟଂଜନ ସାହୁଙ୍କ ଅଧ୍ୟକ୍ଷତାରେ ପ୍ରଫେସର ପଦ୍ମଜା ଗୁଡିପାଲି, ପ୍ରଫେସର ଶିବପ୍ରସାଦ ପରିଡା ଓ ସଗୋଜ କୁମାର ପୂଜାରୀ ନିଜ ନିଜର ପ୍ରବନ୍ଧ ପାଠ କରିଥିଲେ । ତା' ପରେ ତୃତୀୟ ଦିବସ ପରେ ପ୍ରଫେସର ପଦ୍ମଜା ଗୁଡିପାଲି ଓ ଡ. ବିଷ୍ଣୁ ଚରଣ ବାସଙ୍କ ଅଧ୍ୟକ୍ଷତାରେ ପ୍ରଫେସର ପ୍ରଫୁଲ୍ଲ ମହାନ୍ତି, ଡ. ଦେବାଶିଷ ମହାପାତ୍ର, ଡ. ଅରୁଣ ରୟ ଓ ଶ୍ରୀଯୁକ୍ତ ଏକଳବ୍ୟ ବାରିକ୍ ପ୍ରବନ୍ଧ ପାଠ କରିଥିଲେ । ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନରେ ପ୍ରଫେସର ଶିବପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଛାତ୍ରଛାତ୍ରୀମାନେ ପ୍ରବନ୍ଧ ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରଫେସର ରାକେଶ କୁମାର ସିଂ ଓ ପ୍ରଫେସର ପ୍ରଭୁ ପ୍ରସାଦ ବାସଙ୍କ ଅଧ୍ୟକ୍ଷତାରେ ଅଧ୍ୟାପିକା ଡ. ସୁତିସ୍ମିତା ପଟ୍ଟନାୟକ, ଅଧ୍ୟାପକ ଶିବପ୍ରସାଦ ମହାନ୍ତି, ଅଧ୍ୟାପକ ସୁରେଶ ଚନ୍ଦ୍ର ଜେନା ଓ ଅଧ୍ୟାପକ ରଞ୍ଜତ କୁମାର ପାତ୍ରୀ ପ୍ରବନ୍ଧ ପାଠ କରିଥିଲେ । ଦ୍ୱିତୀୟ ଦିବସର ଉତ୍ ଯାପନୀ ସମାରୋହରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସାହୁ ଅଧ୍ୟକ୍ଷତା କରିଥିଲେ। ସମାରୋହରେ ଉପସ୍ଥିତ ଥିଲେ ମୁଖ୍ୟ ଅତିଥି ରାଜେ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତିଭା ପୃଷ୍ଟି , ଧରଣୀଧର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ବିଭୁପ୍ରସାଦ ଦାସ ଓ ଡ. ସୁତିସ୍ମିତା ପଟ୍ଟନାୟକ। ଆଲୋଚନା ଚକ୍ରରେ ଏଭଳି ବିଷୟକ ଶୀର୍ଷକ ଚର୍ଚ୍ଚାମାନର ପରିପ୍ରେକ୍ଷିତରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଉପଦେଶପ୍ରଦ ଓ ସମାଜ କ୍ଷେତ୍ରରେ

ଏହାର ଆବଶ୍ୟକତାକୁ ଉପଲବ୍ଧି କରାଯାଇପାରେ କୋଲି ସମ୍ମାନିତ ଅତିଥିବୃନ୍ଦ ଓ ମୁଖ୍ୟ ଅତିଥି ନିଜର ବକ୍ତବ୍ୟ ରଖିଥିଲେ । ଆଲୋଚନା ପରେ ଧନ୍ୟବାଦ ଅର୍ପଣ କରିଥିଲେ ଡ. ଆଲ୍ପା ଝରିଆ ମହାନ୍ତି । ଏହି ଦୁଇ ଦିନିଆ ଜାତୀୟ ଆଲୋଚନାଚକ୍ରରେ ପ୍ରଥମ ଦିବସର ପଛପାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାର ବୃତି ପ୍ରତିଯୋଗୀଙ୍କୁ ଉଦଯାପନୀ ସମାରୋହରେ ପୁରସ୍କୃତ କରାଯାଇଥିଲା । ଆଲୋଚନା ଚକ୍ରରେ ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀଗଣ ସମେତ ଗୋନାସିକା ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ଅଣ ଶିକ୍ଷକବୃନ୍ଦ ତଥା ବହୁ ବୁଦ୍ଧିଜୀବୀଙ୍କ ସମାଗମ ହେତୁ ଆଲୋଚନାଟି ସାଫଲ୍ୟ ମଣ୍ଡିତ ହୋଇଥିଲା ।

ପତ୍ନୀ କୁ ଧରି ଦାଦନ ଯାଇଥିଲେ : ମୃତ ଦେହ ଉଦ୍ଧାର ଶବ ଆଣିବାକୁ ପରିବାର ଲୋକଙ୍କ ଆକୁଳ ନିବେଦନ

ତେରଭୋଇ - କେନ୍ଦୁଝର ଜିଲ୍ଲା ତେରଭୋଇ ବ୍ଲକ ରେ ଦାଦନ ଦୁଃଖ ବେଖିବାକୁ ମିଳିଛି ।ତେରଭ ଡିହା ଗ୍ରାମ ର ଦମ୍ପତି ସୁବୁର ବାଙ୍ଗାଲୋର ର ଏକ ଘରୋଇ କମ୍ପାନୀ ରେ କାର୍ଯ୍ୟ କରୁଥିବା ବେଳେ ରହୁଥିବା ଭଡା ଘରୁ ସ୍ଥାନୀୟ ପୁଲିସ ଉଭୟ ଦମ୍ପତି ଙ୍କ ମୃତ ଦେହ ଉଦ୍ଧାର କରିଛି ।ମୃତ ଦମ୍ପତି ହେଲେ ରାକେଶ ପାତ୍ର (୨୫) ଓ ସୀମା ନାୟକ ।ତେବେ ସୂଚନା ମୁତାବକ, ତେରଭ ଡିହା ଗ୍ରାମର ଚଙ୍କଧର ପାତ୍ର ଙ୍କ ପୁଅ ସ୍ଥାନୀୟ ଛାମୁଣ୍ଡା ପଞ୍ଚାୟତ ସିରିଆ ବାହାଳ ଗ୍ରାମର ହୃଦାନନ୍ଦ ନାୟକ ଙ୍କ ଝିଅ ସୀମାକୁ ତିନି ଚାରି ବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ ।ବିବାହ ପରେ ରାକେଶ ପତ୍ନୀ କୁ ଧରି ବାଙ୍ଗାଲୋର ଚାଲିଯାଇ ଥିଲେ ।ସେଠାରେ ରାକେଶ ଏକ ଘରୋଇ କମ୍ପାନୀ ରେ କାର୍ଯ୍ୟ କରୁଥିଲେ ଏବଂ ଏକ ଭଡା ଘରେ ଉଭୟ ରହୁଥିଲେ ।ବାଙ୍ଗାଲୋର ରେ ରହିବାର ତିନି ବର୍ଷ ମଧ୍ୟରେ ଉଭୟ ଦେଉଳ ଡିହା ସ୍ଥିତ ଗ୍ରାମକୁ ଥରେ କି ଦୁଇ ଥର ମଧ୍ୟ ଆସିଥିବା ଜଣା ଯାଏ । ତେବେ ଆଜି ଉଭୟ ଙ୍କ ମୃତ ଦେହ ଭଡା ଘରୁ ବାଙ୍ଗାଲୋର ପୁଲିସ ଉଦ୍ଧାର କରିଛି ।ଏହା ଆତ୍ମହତ୍ୟା କି ହତ୍ୟା ଜଣା ପଡିନାହିଁ ।ଅନ୍ୟପଟେ ରାକେଶ୍ ଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇ ଥିବାରୁ ପୁଅ , ବୋହୂ ଙ୍କ ମୃତ ଦେହ ପୈତୃକ ଗ୍ରାମକୁ ଆଣିବାକୁ ଅସମର୍ଥ ହୋଇ ପଡିଛନ୍ତି । ଏ ନେଇ ରାକେଶ ଙ୍କ ପରିବାର ଓ ଗ୍ରାମବାସୀ ପ୍ରଶାସନ ର ସହଯୋଗ ପାଇଁ ଗୁହାରି କରିଛନ୍ତି ।ତେବେ ଏ ସମ୍ବନ୍ଧ ରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକଙ୍କୁ ପଚାରିବାରୁ ଏ ନେଇ ଜିଲ୍ଲା ଶ୍ରମ ଅଧିକାରୀ ଙ୍କ ସହିତ ଯୋଗାଯୋଗ କରାଯାଇଛି ପରବର୍ତ୍ତୀ ପଦକ୍ଷେପ ଶ୍ରମ ବିଭାଗ ତେବ ବୋଲି କହିଛନ୍ତି ।

ସିଏଏମ ଉତ୍କଳ ଆଲୁମନାଇ ଅସୋସିଏସନ୍ ଦ୍ୱାରା “କ୍ୟାମେଞ୍ଜର ୨୦୨୫” ଆଲୁମନାଇ ସମ୍ମିଳନୀର ଆୟୋଜନ

ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ଏଣ୍ଟ୍ରି-ମ୍ୟାନେଜମେଣ୍ଟ (CAM) ଦ୍ୱାରା ପ୍ରତିବର୍ଷ ଆୟୋଜିତ ହେଉଥିବା ଆଲୁମନାଇ ସମ୍ମିଳନୀ “କ୍ୟାମେଞ୍ଜର ୨୦୨୫” ଏବର୍ଷ ଅଜେଡନ ବାନକୁଏଟ୍ ଏଣ୍ଡ ଇନ, ପୁରୀ ବାଇପାସ୍, ଭୁବନେଶ୍ୱରରେ ଉଲ୍ଲାସମୟ ଭାବେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ବ୍ୟାଚର ପୂର୍ବତନ ଛାତ୍ରଛାତ୍ରୀ, ଶିକ୍ଷକମଣ୍ଡଳୀ ଓ ଶିଳ୍ପ ଜଗତର ପ୍ରତିନିଧିମାନେ ଯୋଗଦେଇ ଅନୁଭବ ବିନିମୟ ଓ ସମ୍ପର୍କ ସୁଦୃଢ଼ କରିଛନ୍ତି । ୨୦୧୬ ମସିହାରେ ସ୍ଥାପିତ ସିଏଏମ ଉତ୍କଳ ଏଲୁମନାଇ ଅସୋସିଏସନ୍ (CAMUAA) ଆଜି ଗୋଟିଏ ଶକ୍ତିଶାଳୀ ଓ ସମାବେଶୀ ନେଟୱର୍କ ଭାବେ ଗଢ଼ି ଉଠିଛି, ଯେଉଁଠି ଏଞ୍ଜିନିୟରିଂ ଓ ମ୍ୟାନେଜମେଣ୍ଟ କ୍ଷେତ୍ରରେ ପେଶାଦାର ସହଯୋଗ, ମେଣ୍ଟରଶିପ ଓ ନେତୃତ୍ୱ ଗଢ଼ି ଉଠିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି । ପ୍ରଦୀପ ପ୍ରଜ୍ୱଳନ ସହିତ ଅସୋସିଏସନର ଅଧ୍ୟକ୍ଷ ଶ୍ରୀ ପିୟୁଷ ମହାନ୍ତି ସ୍ୱାଗତ ଭାଷଣ ସହ ଉଦଘୋଧନ ଦେଇଥିଲେ। ସେ ଉଲ୍ଲାସଟଭଲ ର ଯାତ୍ରା, ଉପଲବ୍ଧି ଓ ଆଗାମୀ ପଥଚିତ୍ର ଉପସ୍ଥାପନ କରେ । ଏହି ଅବସରରେ ମୁଖ୍ୟ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ଉଇମେନ ସେଣ୍ଟର ହେଡ୍ ଶ୍ରୀ ଦୀପକ ରାମ , ଶ୍ରୀ ନରେନ୍ଦ୍ରନାଥ ମିଶ୍ର, ହେଡ୍ – ରିଟେଲ ଏଣ୍ଡ ଏନ୍ଟ୍ରି ଲେଭ୍, (DCB ବ୍ୟାଙ୍କ) ଏବଂ CAMe ଆଡଭାଇଜର ଡ. ବେନୁଧର ରୁଆଁ ଅତିଥିଭାବେ ଯୋଗଦେଇ ଜରୁରୀ ଦିଗ ଗୁଡିକ ପ୍ରତି ଧ୍ୟାନ ଆକର୍ଷଣ କରିଥିଲେ। ସଭାରେ ଉଲ୍ଲଘଟଭଲ ର ବିଭିନ୍ନ କାର୍ଯ୍ୟପଦ୍ଧତି, ବାଲୁଲୋ, ସଦସ୍ୟତା ତଥ୍ୟ ଓ ଆର୍ଥିକ ପ୍ରତିବେଦନ ବାବଦରେ ଶ୍ରୀ ବିରଜା ପ୍ରସାଦ ମହାପାତ୍ର (ସାଧାରଣ ସଚିବ) ଓ ଶ୍ରୀ ରାହୁଲ ଦାସ (କୋଷାଧ୍ୟକ୍ଷ) ଦ୍ୱାରା ପ୍ରସ୍ତୁତ ହେଲା । ଖୋଲା ମଞ୍ଚ ଅଧିବେଶନରେ ପୂର୍ବତନ ଛାତ୍ରଛାତ୍ରୀମାନେ ଉଲ୍ଲାସଟଭଲ କୁ ଅଧିକ ସକ୍ରିୟ କରିବା, ଆଲୁମନାଇ ଇନଫ୍ରୁରେନ୍ସ୍ ଓ ମେଣ୍ଟରିଂ ଯୋଜନା ନେଇ ମତ ଦେଲେ । ଏହି ଦିନ CAM ଆଲୁମନାଇ ଓ୍ୱେବସାଇଟ୍ ଓ LinkedIn ପେଜ୍ ର ଆରମ୍ଭ ମଧ୍ୟ ହେଲା ।ଅନୁଷ୍ଠାନର ମୁଖ୍ୟ ଆକର୍ଷଣ ଥିଲା ୨୦୨୫-୨୭ ଅବଧି ପାଇଁ ନୂତନ କାର୍ଯ୍ୟନିର୍ବାହୀ ସମିତି ଗଠନ କରାଯାଇ ଏହାର ଅଧ୍ୟକ୍ଷ: ବିଜୟା ପ୍ରସାଦ ମହାପାତ୍ର ଉପାଧ୍ୟକ୍ଷ: ଭୂବି ପ୍ରତାପ ସିଂହ,ସାଧାରଣ ସଚିବ: ଅନିଶା ଅନୁଷ୍ଠୁପା. ଯୁକ୍ତ ସଚିବ: ମହାପାତ୍ର (ସାଧାରଣ ସଚିବ) ଓ ଶ୍ରୀ ରାହୁଲ ଦାସ (କୋଷାଧ୍ୟକ୍ଷ) ଙ୍କୁ ତାଙ୍କ ନେତୃତ୍ୱ, ସମର୍ପଣ ଓ ସଫଳ ଆୟୋଜନ ପାଇଁ ଅଭିନନ୍ଦନ ଜ୍ଞାପନ କରାଗଲା । ସମ୍ମିଳନୀର ଶେଷରେ ସାହିତ୍ୟିକ ଓ ମନୋରଞ୍ଜନ ଅନୁଷ୍ଠାନ ସହିତ, ଯାହା ପରେ "ଗଲ୍ ଡ

ଚିରଜା ପ୍ରସାଦ ମହାପାତ୍ର (ସାଧାରଣ ସଚିବ) ଓ ଶ୍ରୀ ରାହୁଲ ଦାସ (କୋଷାଧ୍ୟକ୍ଷ) ଦ୍ୱାରା ପ୍ରସ୍ତୁତ ହେଲା । ଖୋଲା ମଞ୍ଚ ଅଧିବେଶନରେ ପୂର୍ବତନ ଛାତ୍ରଛାତ୍ରୀମାନେ ଉଲ୍ଲାସଟଭଲ କୁ ଅଧିକ ସକ୍ରିୟ କରିବା, ଆଲୁମନାଇ ଇନଫ୍ରୁରେନ୍ସ୍ ଓ ମେଣ୍ଟରିଂ ଯୋଜନା ନେଇ ମତ ଦେଲେ । ଏହି ଦିନ CAM ଆଲୁମନାଇ ଓ୍ୱେବସାଇଟ୍ ଓ LinkedIn ପେଜ୍ ର ଆରମ୍ଭ ମଧ୍ୟ ଶିକ୍ଷାବିତ୍ତ ତ୍ରିପାଠୀ ,ଚେୟାରଯଜ୍ଞ: ରାହୁଲ ଦାସ ନିର୍ବାଚିତ ହୋଇଥିବା ସୂଚନା ମିଳିଛି।ଏହି ସମିତିକୁ ସହଯୋଗ କରିବା ପାଇଁ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବରେ ପ୍ରତିଷ୍ଠାତାର ସାହୁ, ପାର୍ଥସାରଥୀ ପଣ୍ଡା, ସାରାଂଶ ପାଣ୍ଡେଟାଙ୍ଗିଙ୍ଗ, ଶିବପ୍ରସାଦ ଦାସ ଓ ସୌମ୍ୟା ରଞ୍ଜନ ସ୍ୱାଇଁ ମନୋନୀତ ହୋଇଛନ୍ତି ।ପୂର୍ବତନ ସମିତି , ଶ୍ରୀ ପିୟୁଷ ମହାନ୍ତି (ଅଧକ୍ଷ), ଶ୍ରୀ ବିରଜା ପ୍ରସାଦ ମହାପାତ୍ର (ସାଧାରଣ ସଚିବ) ଙ୍କୁ ତାଙ୍କ ନେତୃତ୍ୱ, ସମର୍ପଣ ଓ ସଫଳ ଆୟୋଜନ ପାଇଁ ଅଭିନନ୍ଦନ ଜ୍ଞାପନ କରାଗଲା । ସମ୍ମିଳନୀର ଶେଷରେ ସାହିତ୍ୟିକ ଓ ମନୋରଞ୍ଜନ ଅନୁଷ୍ଠାନ ସହିତ, ଯାହା ପରେ "ଗଲ୍ ଡ ଫ୍ରେ" ନାମକ ନେଟୱର୍କିଂ ସନ୍ଧ୍ୟାରେ ସମସ୍ତେ ମିଳି ଉତ୍ସବ ମନାଇଲେ ।"କ୍ୟାମେଞ୍ଜର ୨୦୨୫" CAM ଏକ୍ସଜିକ୍ୟୁଟିଭ ମାନଙ୍କ ଏକତା, ଉତ୍ସାହ ଓ ସମୂହ ଦୃଷ୍ଟିଭଙ୍ଗୀର ପ୍ରତୀକ ଭାବେ ଆଉ ଯାଇଛି — ଯାହା ଆଗାମୀ ଦିନରେ ଏଣ୍ଟ୍ରି-ଲିଜନେସ କ୍ଷେତ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟର ଗୌରବ ଓ ପରମ୍ପରାକୁ ଆଗକୁ ବଢ଼ାଇ ନେବାକୁ ପ୍ରେରଣା ଦେଇଛନ୍ତି।

ନୂଆପଡ଼ା ଉପନିର୍ବାଚନ ପାଇଁ ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଅତୁଲ୍ ପାଣ୍ଡେ ନିର୍ବାଚନ ଖର୍ଚ୍ଚ ସମୀକ୍ଷା ବୈଠକରେ ଯୋଗଦେଲେ

ଭୁବନେଶ୍ୱର,(ପି.ଏନ):
ନୂଆପଡ଼ା ଉପନିର୍ବାଚନ ପାଇଁ ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଅତୁଲ୍ ପାଣ୍ଡେ, ଭାରତିୟ ରାଜସ୍ୱ ସେବା, ନିର୍ବାଚନ ଖର୍ଚ୍ଚ ତଦାରଖ ବୈଠକରେ ଯୋଗଦେଲେ କ୍ଷ ଆସନ୍ତା ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡ଼ା ବିଧାନସଭା ଉପନିର୍ବାଚନକୁ ସମ୍ପୂର୍ଣ୍ଣ ଶାନ୍ତି ଶୃଙ୍ଖଳା ଓ ନିରପେକ୍ଷ ଭାବରେ ପରିଚାଳିତ କରିବା ସହିତ ସମଗ୍ର ପ୍ରକ୍ରିୟାର ଖର୍ଚ୍ଚ କୁ ତଦାରଖ କରିବା ପାଇଁ ଭାରତ ନିର୍ବାଚନ କମିଶନ୍ ଙ୍କ ତରଫ। ଶ୍ରୀ ପାଣ୍ଡେ ନିଯୁକ୍ତ ହୋଇଛନ୍ତି କ୍ଷ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଇମ୍ତୋଦର ଧଗୁଆ, ଆଡିସନାଲ ଏସ୍ ପି ଉଣଭିତ୍ ନାୟକ, ଉପ ଜିଲ୍ଲାପାଳ ସୁମି ସୋରେନ, ଜେପୁଟି କମିଶନର ସି ଟି ଜି ଏସ ଟି ପ୍ରିୟବ୍ରତ ଗଉଡିଆ, ନିର୍ବାଚନ ଖର୍ଚ୍ଚ ତଦାରଖ କମିଟି ରେ ଥିବା ସମସ୍ତ ଅଧିକାରୀ ଯୋଗ ଦେଇଥିଲେ କ୍ଷ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ବୈଠକ ର ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ କ୍ଷ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ପାଣ୍ଡେ ନିର୍ବାଚନ ଖର୍ଚ୍ଚ ସହିତ ସଂପୃକ୍ତ ବିଭିନ୍ନ କମିଟିର ମୁଖ୍ୟ ମାନଙ୍କ ସହିତ ଆଲୋଚନା କରି ସେମାନଙ୍କ କାର୍ଯ୍ୟ ଏବଂ ପଦ୍ଧତି ବିଷୟରେ ପ୍ରାଞ୍ଜଳ ଭାବରେ ବୁଝାଇ ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ କ୍ଷ ସମସ୍ତ ଖର୍ଚ୍ଚ ମିଶାଇ ଜଣେ ପ୍ରାର୍ଥୀଙ୍କ ଖର୍ଚ୍ଚ ୪୦ ଲକ୍ଷ ଟଙ୍କା ଧାରଣରେ ରହିବା ଅତ୍ୟନ୍ତ ଆବଶ୍ୟକ ବୋଲି ସେ କହିଥିଲେ କ୍ଷ ସମସ୍ତ ଟିମ୍ ପରସ୍ପର ମଧ୍ୟରେ ଉତ୍ତମ ଯୋଗାଯୋଗ ରକ୍ଷା କରି ସାମୁହିକ ଭାବରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସେ ଅଧିକାରୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ଜିଲ୍ଲାପାଳ ଶ୍ରୀ ଦାଶ ନିର୍ବାଚନର ଖର୍ଚ୍ଚ ତଦାରଖ ସମ୍ବନ୍ଧୀୟ ସମସ୍ତ ପ୍ରସ୍ତୁତି ପାଖାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନା କରିଥିଲେ କ୍ଷ ଭାରତ ନିର୍ବାଚନ ଆୟୋଗ ପର୍ଯ୍ୟବେକ୍ଷକମାନଙ୍କୁ ନିର୍ବାଚନ ପ୍ରକ୍ରିୟାର ସମସ୍ତ ପ୍ରକ୍ରିୟାକୁ ତଦାରଖ କରି ସ୍ୱଚ୍ଛ, ନିରପେକ୍ଷ ଓ ପାରଦର୍ଶୀ ଭାବରେ ନିର୍ବାଚନ ପରିଚାଳନା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି କ୍ଷ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ପାଣ୍ଡେ ଙ୍କ ମୋବାଇଲ୍ ନମ୍ବର ୭୦୭୭୮୪୬୨୮ରେ ଯୋଗାଯୋଗ କରି ନିର୍ବାଚନ ଖର୍ଚ୍ଚ ସମ୍ବନ୍ଧୀୟ ଯେକୌଣସି ଅଭିଯୋଗ ସମ୍ପର୍କରେ ଯେକେହି ଜଣାଇ ପାରିବେ ।

ନିଆରା ଢଙ୍ଗରେ ଦୀପାବଳି ପାଳିଲେ ହେଲପିଙ୍ଗ୍ ହ୍ୟାଣ୍ଡ ସଂଗଠନ

ଅନୁଗୋଳ: ଅସହାୟ କୁ ରାସନ ସାମଗ୍ରୀ ଦେଇ ନିଆରା ଢଙ୍ଗରେ ଦୀପାବଳି ଉତ୍ସବ ପାଳିଲେ ହେଲପିଙ୍ଗ୍ ହ୍ୟାଣ୍ଡ ସଂଗଠନ ।ଜିଏ ଘରେ ଥାନ୍ଧ ଉଲ୍ଲୁସ ର ସହ ଦୀପାବଳି ପାଳନ କରୁଛି ତ ନିଏ କେଉଁ ଭାଷାରେ ଏହି ଆଲୋକ ର ପର୍ବକୁ ପାଳନ କରିଥାନ୍ତି । ଜିଲ୍ଲା ଅସହାୟ ଙ୍କ ମୁହଁରେ ହସ ଫୁଟେଇବା ପାଇଁ ନିଆରା ଢଙ୍ଗରେ ଦୀପାବଳୀ ପର୍ବ ପାଳନ କରିଛନ୍ତି ହେଲପିଙ୍ଗ୍ ହ୍ୟାଣ୍ଡ ସଂଗଠନର ସଦସ୍ୟ ଗଣ ।ଆଜି ଏହି ଅବସରରେ ଅନୁଗୁଳ ସହରରେ ରହୁଥିବା ଅସହାୟ ଯାଯାବର ଲୋକଙ୍କୁ ଶୁଖୁଆ ଖାଦ୍ୟ ତଥା ରାସନ ସାମଗ୍ରୀ ସହ ସ୍ପ୍ରିନ୍ଜ ବାଣ ଦେଇ ସେମାନଙ୍କ ମୁହଁରେ ହସ ଫୁଟାଇଛି ଏହି ସଂଗଠନ। ପୂର୍ବରୁ ଏହି ସଂଗଠନ ଆଁ. ଜେ. ବୃଦରସ୍ଥ ଥିବା ବେଳେ ତାହୁ ବର୍ତ୍ତମାନ ପରିବର୍ତ୍ତନ କରାଯାଇ ହେଲପିଙ୍ଗ୍ ହ୍ୟାଣ୍ଡ ଆସୋସିଏସନ ନାମ ଦିଆଯାଇଛି । ଏ କାର୍ଯ୍ୟ ବ୍ୟତିତ ଏହି ସଂଗଠନ ଗୋପେବା ଜପଡା ବଣ୍ଟନ, ବୃକ୍ଷ ରୋପଣ ଏବଂ ରକ୍ତଦାନ ଶିବିର ଭଳି ମହତ କାର୍ଯ୍ୟ ଜାରି ରହିଛି । ସଂଗଠନ ର ଏହି ମହତ୍ କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା ହଉଛନ୍ତି ।

ତାଳଚେରର ବିଭିନ୍ନ ସ୍ଥାନରେ ମା’ ଶ୍ୟାମାକାଳୀଙ୍କ ପୂଜା

ଭୁବନେଶ୍ୱର,(ପି.ଏନ): ତାଳଚେର ବୃତ୍ତସ୍ଥିତ ବହୁପୁରାତନ ହାଣ୍ଡିଝୁଟି, ଡେରା, ନନ୍ଦିରା, ଦେଉଳଦେଡ଼ା, ତମ୍ପାପଣ୍ଡି ପ୍ରଭୃତିରେ ମହାଆଡ଼ମ୍ବର ସହକାରେ ମା’ଶ୍ୟାମାକାଳୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ସଜାକୁ ଜଗିର ଜର୍ମତାରା ଓ କର୍ତ୍ତାରାବେ ପ୍ରବଳ ଅଧିକାରୀ ପ୍ରଶାନ୍ତ ସାହୁ ପତ୍ନୀ ରଶ୍ମିତା ସାହୁ ନିଜସ୍ୱ ଚଦୀରୁ ଜଳସରେ ଜଳ ଆଣି ମା’ଙ୍କ ମଣ୍ଡପରେ ସ୍ଥାପନ କରିବାପରେ ବିଭିନ୍ନ ଉପଚାରରେ ମା’ଙ୍କ ପୂଜା ଅନୁଷ୍ଠିତ

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ପାଧ୍ୟାହ୍ନ ଲୋକଲ ଖବରକାଗଜ

ଖେଳ ପର୍ଯ୍ୟବେକ୍ଷକ

Bhubaneswar Thursday October 23 | ଭୁବନେଶ୍ୱର ଗୁରୁବାର, ୨୩, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | ୮

ମୁମ୍ବାଇରେ ବିଶ୍ୱର ସର୍ବବୃହତ ସାମୁଦ୍ରିକ ସମ୍ମିଳନୀ ୨୦୨୫ ରେ ପାରାଦୀପ ବନ୍ଦରର ଗୁରୁତ୍ୱପୂର୍ଣ୍ଣ ଭୂମିକା

ପାରାଦୀପ,(ପି.ଏନ): ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଆସନ୍ତା ୨୭ ରୁ ୩୧ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ମୁମ୍ବାଇରେ ଭାରତ ସାମୁଦ୍ରିକ ସପ୍ତାହ (ମେରିଟାଇମ ଉଇକ) ଆୟୋଜନ କରିବାକୁ ଯାଉଛି। ଏହି କାର୍ଯ୍ୟକ୍ରମ, ବିଶ୍ୱର ସର୍ବବୃହତ ସାମୁଦ୍ରିକ ସମ୍ମିଳନୀ ଏବଂ ଏଥିରେ ୧୦୦ ରୁ ଅଧିକ ସାମୁଦ୍ରିକ ରାଷ୍ଟ୍ର, ୨୦୦ ଆନ୍ତର୍ଜାତୀୟ ବିଶେଷଜ୍ଞ ଏବଂ ୫୦୦ ଅଗ୍ରଣୀ ସାମୁଦ୍ରିକ ଶିଳ୍ପକୁ ଏକତ୍ରିତ କରିବ, ଯାହା ଏହାକୁ ସାମୁଦ୍ରିକ କ୍ଷେତ୍ରରେ ଜ୍ଞାନ ଆଦାନପ୍ରଦାନ, ନିବେଶ ସୁଯୋଗ ଏବଂ ପ୍ରଯୁକ୍ତିବିଦ୍ୟା ଆଦାନପ୍ରଦାନ ପାଇଁ ଏକ ପ୍ରମୁଖ ପ୍ଲାଟଫର୍ମ ହେବ ।ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦରର ଏକ ପ୍ରମୁଖ ଭୂମିକା ରହିବ,ଯେଉଁଥିରେ ଜାହାଜ ନିର୍ମାଣ, ଜାହାଜ ମରାମତି, ବନ୍ଦର ଆଧୁନିକୀକରଣ, ସ୍ମାର୍ଟ ବନ୍ଦର ପଦକ୍ଷେପ, ବ୍ୟବସାୟ ବିକାଶ ଏବଂ ସବୁଜ ଉଦଜାନ ପ୍ରକଳ୍ପ ସମେତ ବିଭିନ୍ନ କ୍ଷେତ୍ରରେ ୧.୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ନିମନ୍ତେ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହେବ। ସମ୍ପ୍ରତି, ପାରାଦୀପ ବନ୍ଦରକୁ ଏକ ସବୁଜ ହାଇଡ୍ରୋଜେନ ହବ୍ ଭାବରେ ଅଧିସୂଚିତ କରାଯାଇଥିଲା, ଯାହା ଟୁଟିକୋରିନ୍ ଏବଂ କାଣ୍ଡଲା ସହିତ ଏହି ସମ୍ମାନ ପାଇବା ପାଇଁ ଭାରତର କେବଳ ତିନୋଟି ବନ୍ଦର ମଧ୍ୟରୁ ଗୋଟିଏ ଥିଲା। ଓଡ଼ିଶା ସରକାର ମଧ୍ୟ ଇଣ୍ଡିଆ ମେରିଟାଇମ୍ ସପ୍ତାହରେ ଅଂଶଗ୍ରହଣ କରିବେ, ଯେଉଁଥିରେ ରାଜ୍ୟର ସାମୁଦ୍ରିକ ବିକାଶ ଉପରେ ଏକ ଉତ୍ସର୍ଗୀକୃତ ଅଧିବେଶନ ଅନୁଷ୍ଠିତ ହେବ। ବାହୁଡା ବନ୍ଦର ବିକାଶ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ଜାହାଜ ନିର୍ମାଣ କେନ୍ଦ୍ର ସମେତ ରଣନୈତିକ ପ୍ରକଳ୍ପ ପାଇଁ ଓଡ଼ିଶା ପୂର୍ବରୁ ପାରାଦୀପ ବନ୍ଦର ପ୍ରାଧିକରଣ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛି, ଯାହା ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ଏବଂ ଆର୍ଥିକ ଅଭିବୃଦ୍ଧି ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଏହା ସହିତ, ଓଡ଼ିଶା ମେରିଟାଇମ ଉଇକ ୨୦୨୫ ରେ ପୁରୀରେ ଏକ କ୍ରୁଜ୍ ଟର୍ମିନାଲ ବିକାଶ ପାଇଁ ବୁଝାମଣାପତ୍ର ସ୍ୱାକ୍ଷର ହେବ, ଯାହାର ଲକ୍ଷ୍ୟ ସାମୁଦ୍ରିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା। ପ୍ରଥମ ପର୍ଯ୍ୟାୟରେ ପୁରୀ ଉପରେ ଧ୍ୟାନ ଦିଆଯିବ, ଦ୍ୱିତୀୟ ପର୍ଯ୍ୟାୟରେ କ୍ରୁଜ୍ ଟର୍ମିନାଲକୁ ୨-୩ ବର୍ଷ ମଧ୍ୟରେ ପାରାଦୀପ ପର୍ଯ୍ୟନ୍ତ ବିସ୍ତାର କରାଯିବ ।ଜନସଚେତନତା ସୃଷ୍ଟି କରିବା ପାଇଁ, ପାରାଦୀପ ବନ୍ଦର ଦୀପାବଳି ଉତ୍ସବ ସହିତ ବିଜ୍ଞାପନ, ହୋର୍ଡିଂ, ପଡକାଷ୍ଟ ଏବଂ ସୋସିଆଲ ମିଡିଆ ଅଭିଯାନ ସହିତ ପାରାଦୀପ ବେଳାଭୂମିରେ ବାଲୁକା କଳା ଭଳି ପଦକ୍ଷେପ ଆରମ୍ଭ କରିଛି । ଏହି ପଦକ୍ଷେପଗୁଡ଼ିକ ଓଡ଼ିଶା ସରକାର, ପାରାଦୀପ ବନ୍ଦର ଏବଂ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟର ଓଡ଼ିଶା ଏବଂ ବାହାରେ ଆର୍ଥିକ ବିକାଶ, ନିଯୁକ୍ତି ସୃଷ୍ଟି ଏବଂ ସାମୁଦ୍ରିକ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ମିଳିତ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ ବୋଲି ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ବନ୍ଦର ପ୍ରଶାସନିକ ଭବନ ସଭାଗୃହରେ ସୋମବାର ଦିନ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଥିଲେ

ଅଧ୍ୟାପକ ଶ୍ରୀହେମନ୍ତ କୁମାର ଗନ୍ତାୟତଙ୍କୁ ସମ୍ବର୍ଦ୍ଧନା

ଆସିକା,(ପି.ଏନ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟ ନଗର ଡ଼ଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟର ବରିଷ୍ଠ ଦର୍ଶନ ଅଧ୍ୟାପକ ଶ୍ରୀହେମନ୍ତ କୁମାର ଗନ୍ତାୟତଙ୍କୁ ତା - ୧୮/୧୦/୨୦୨୫ ଦିନ ଗଞ୍ଜାମ କଳାପରିଷଦ ବ୍ରହ୍ମପୁର ସହର ଠାରେ ରେ ଜାତୀୟ ପର୍ଯ୍ୟଟନ ଭାରତ ଦ୍ୱାରା ଆୟୋଜିତ (National Tourism Festival Odisha folk carnival) -' ଜାତୀୟ ପର୍ଯ୍ୟଟନ ମହୋତ୍ସବ ୨୦୨୫ ' କବି ଓ କବିତା ମହାସଙ୍ଗମ ଇତ୍ୟବସରରେ ସ୍ୱରଚିତ କବିତା ପାଠ ନିମନ୍ତେ ପୁଷ୍ପଗୁଚ୍ଛ,ଉପଢୌକନ ଏବଂ ମାନପତ୍ର ଦେଇ ସମ୍ମାନିତ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟ ବ୍ରହ୍ମପୁରର ନିର୍ଦ୍ଦେଶକ ଡଃ. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ସବ୍ଡିବ ଡ଼ଃ. କୁଳମଣି ଓଝା ,ସଭାପତି ଇଁ.ଉମାଶଙ୍କର ପାଣିଗ୍ରାହି,ମୁଖ୍ୟ ଅତିଥି ପ୍ରୋ. ଗୀତାଞ୍ଜଳି ଦାଶ , ସମ୍ପାଦକ ନାରାୟଣ ମହାକୁଡ଼ ,ପ୍ରାକ୍ତନ ଅଧ୍ୟକ୍ଷ ଡ଼ଃ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ତଥା ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଶ୍ରୀ ଗନ୍ତାୟତ ଏଥି ପୂର୍ବରୁ ପୁରାତନ ଦୈନିକ ଖବର କାଗଜ ଦୈନିକଆଶା ପକ୍ଷରୁ ଜିଜ୍ଞାସାରେ ଶ୍ରୀଜଗନ୍ନାଥ, ଉତ୍କଳୀୟ ଯୋଗ ବେଦାନ୍ତ ପରିଷଦ, ପୁରୀ ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାର ପୁରୀ ଦ୍ୱାରା ସମ୍ବର୍ଦ୍ଧିତ ହୋଇ ଆସିଛନ୍ତି।

ଅଧ୍ୟାପକ ଶ୍ରୀ ହେମନ୍ତ କୁମାର ଗନ୍ତାୟତ ଏକାଧାରରେ ଜଣେ ସ୍ତମ୍ଭକାର ଲେଖକ, ଗାଳ୍ପିକ , ପ୍ରାବନ୍ଧିକ , ଗବେଷକ ତଥା କବି ଅଟନ୍ତି। ସେ ଅନଲାଇନ୍ ମାଧ୍ୟମରେ କବିତା ଓ ପ୍ରବନ୍ଧ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି କାନ୍ତକବି ସାହିତ୍ୟ ପରିଷଦ, ଭଦ୍ରକ, ତରଫରୁ ' ପ୍ରତିଶୋଧ ଏକ ଜାନ୍ତବ୍ୟ ବିଧାନ ' କବିତା ପାଇଁ ଏବଂ ଆମ ଶ୍ରୀ ଜଗନ୍ନାଥ ସାହିତ୍ୟ ଅନୁଷ୍ଠାନ ' ଓଁ କାରରୁ ନିର୍ବାଣ ' ପ୍ରବନ୍ଧ ନିମନ୍ତେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେପରି ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ସାରସ୍ୱତ ଅନୁଷ୍ଠାନମାନ ଯଥା - ଶର୍ମି କାବ୍ୟ ଲେଖା ସାହିତ୍ୟ ସଂସଦ , ବିଶାଖା ପାଟଣା ଦ୍ୱାରା ' ଜୀବନ ଗଣିତ ସମ୍ମାନ' , ବୀଣାପାଣି ସାହିତ୍ୟ ସଂସଦ କେନ୍ଦୁଝର ଦ୍ୱାରା ' ସବୁଜ ମିତ୍ର ସମ୍ମାନ ' , ବାଣୀ ବିଥିକା ପରିବାର ଦ୍ୱାରା ' ସୃଜନୀ ସୁରଭି ସମ୍ମାନ ' , ନୀଳାଚଳ ସାହିତ୍ୟ ସୃଜନୀ ଦ୍ୱାରା ' ଅମୃତ ସମ୍ମାନ ', ଆମ ଅଗଣାର ସଜ ଫୁଲ ପରିବାର ଦ୍ୱାରା ' ଭକ୍ତି ସୁଧା ସମ୍ମାନ ', ଜୟ ଶ୍ରୀଜଗନ୍ନାଥ ପ୍ରଭୁ ପରିବାର ଦ୍ୱାରା ' ଶଙ୍ଖ କ୍ଷେତ୍ର ସମ୍ମାନ ', ସୁନାର ଗୌରାଙ୍ଗ ପରିବାର କଟକ ଦ୍ୱାରା ' ବିଦ୍ୟା ବିଭବ ସମ୍ମାନ ', ମହାପ୍ରଭୁ ଶ୍ରୀଜଗନ୍ନାଥ ପରିବାର ଦ୍ୱାରା ' ମାତୃ ଭକ୍ତି ସମ୍ମାନ ', ମେଘାସନୀ ସାହିତ୍ୟ ସଂସ୍କୃତି ପରିଷଦ, ମୟୂରଭଞ୍ଜ ଦ୍ୱାରା ପ୍ରଶଂସା ପତ୍ରାଦି ପ୍ରଦାନ କରିବା ସହିତ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି ।

ଆଇଡିବିଆଇ ବ୍ୟାଙ୍କ ଲିମିଟେଡ ପକ୍ଷରୁ ଏହାର ୨୦୨୫-୨୬ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ପାଇଁ ଆର୍ଥିକ ଫଳାଫଳ ଘୋଷଣା

ଭୁବନେଶ୍ୱର,(ପି.ଏନ): ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଆଜି ୨୦୨୫-୨୬ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ଶୁଦ୍ଧ ଲାଭ ୩୬୨୭ କୋଟି ଟଙ୍କା ରହିଛି, ଯାହା ବାର୍ଷିକ ଆଧାରରେ ୯୮%ର ଏକ ମଜବୁତ ଅଭିବୃଦ୍ଧି ହାସଲ କରିଛି। ପରିଚାଳନାଗତ ଲାଭ ୩୫୨୩ କୋଟି ଟଙ୍କା ରହିଛି।। ଏନଆଇଏମ ୩.୬୧% ରହିଛି ଏବଂ ଶୁଦ୍ଧ ସୁଧ ଆୟ ୩୨୮୫ କୋଟି ଟଙ୍କା ରହିଛି। ୨୦୨୫-୨୬ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ପାଇଁ କଷ୍ଟ୍ ଅଫ୍ ଡିପୋଜିଟ ୪.୬୯% ରହିଛି ଯାହା ଗତବର୍ଷ ସମାନ ଅବଧିରେ ୪.୬୫% ଥିଲା। ସିଆରଏଆର ୩୪୧ ବିପିଏସର ବାର୍ଷିକ ଅଭିବୃଦ୍ଧି ସହିତ ୨୫.୩୯%କୁ ବୃଦ୍ଧି ହୋଇଛି। ରିଟର୍ଣ୍ଣ ଅନ୍ ଆସେଟ୍ସ (ଆରଓଏ) ୨୦୨୫-୨୬ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ୧୫୮ ବିପିଏସ ବୃଦ୍ଧି ହୋଇ ୩.୫୫% ରହିଛି ଯାହା ୨୦୨୪-୨୫ର ୨ୟ ତ୍ରୈମାସିକରେ ୧.୯୭% ଥିଲା। ସେହିପରି ରିଟର୍ଣ୍ଣ ଅନ୍ ଇକ୍ୱିଟି (ଆରଓଇ) ୨୯.୬୪% ରହିଛି। ଶୁଦ୍ଧ ଏନପିଏ ସେପ୍ଟେମ୍ବର ୩୦, ୨୦୨୪ର ୦.୨୦%ରୁ ଚଳିତ ବର୍ଷ ୦.୨୧%କୁ ବୃଦ୍ଧି ହୋଇଛି। ମୋଟ ଏନପିଏ ସେପ୍ଟେମ୍ବର ୩୦ ତାରିଖ,୨୦୨୪ର ୩.୬୮% ତୁଳନାରେ ୨.୬୫% ରହିଛି। ପିସିଆର ସେପ୍ଟେମ୍ବର ୩୦ ତାରିଖ, ୨୦୨୪ର ୯୯.୪୨% ତୁଳନାରେ ଚଳିତ ବର୍ଷ ୯୯.୨୬% ରହିଛି।

ମା ଶ୍ୟାମା କାଳୀ ପୂଜା ପାଇଁ ଅତାମଳା ଗ୍ରାମ ଉଚ୍ଛବ ମୁଖର

ଜଗତସିଂହପୁର ୨୧/୧୦/୨୫(ପିଏନ) ଜଗତସିଂହପୁର ସହର ସ୍ଥିତ ଅତାମଳା ଗ୍ରାମରେ ୫ତମ ମା ଶ୍ୟାମା କାଳୀ ପୂଜା ବହୁ ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି। ମା ଶ୍ୟାମା କାଳୀଙ୍କ ରାତ୍ର ୧୨ ଘଟିକାରେ କଳସ ବୁଡା। କାର୍ଯ୍ୟକ୍ରମ କାଠପୋଲ ସ୍ଥିତ ସଫେଇରେ ହୋଇଥିଲା।

ଏହି ପୂଜାରେ ପୁରୋହିତ ଭାବରେ ନିରଞ୍ଜନ ମହାପାତ୍ର, କର୍ତା ଭାବରେ ମଧୁରୀ ପ୍ରଧାନ ଓ କର୍ତ୍ତୀ ଭାବରେ କଳ୍ପନା ପ୍ରଧାନ ଥିଲେ, ଏହି ପୂଜା କମିଟିର ସଭାପତି କୃଷ୍ଣ ଚନ୍ଦ୍ର ପ୍ରଧାନ, ପ୍ରମୋଦ ମହାପାତ୍ର, ପ୍ରଶାନ୍ତ ମାଝି, ମାନସ ମଲ୍ଲିକ, ସନ୍ତୋଷ ନାୟକ, ଉଲସନ ମହାନ୍ତି,ବୁଲୁ ମାଝି,ଭଗବାନ ଭୋଇ,ସୁବ୍ରଜିତ ମହାନ୍ତି, ଲକ୍ଷ୍ମୀଧର ପ୍ରଧାନ, ଅମୁଲ୍ୟ ପ୍ରଧାନ,ରାକେଶ ପ୍ରଧାନ, ବିନୋଦ ବେହେରା, କିସାନ ଭୋଇ ଓ ଆଖ ପାଖ ଅଞ୍ଚଳର ବହୁ ସଂଖ୍ୟାରେ ଭକ୍ତ ଉପସ୍ଥିତ ରହି ମା ଙ୍କ କୃପା ଲାଭ କଲେ।

ବୀରବର ସାମନ୍ତଙ୍କ ଜନ୍ମ ଜୟନ୍ତୀରେ 'ଜନସେବା' ଆପ୍ ଲୋକାର୍ପିତ : ଏହା ସରକାର ଓ ଲୋକଙ୍କ ମଧ୍ୟରେ ସେତୁ ପରି କାର୍ଯ୍ୟ କରିବ - ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ

ପାରାଦୀପ ,(ପି.ଏନ): କୁଜଙ୍ଗ ଗାନ୍ଧୀ ନାରାୟଣ ବୀରବର ସାମନ୍ତ ଙ୍କ ୧୨୫ତମ ଜନ୍ମ ଜୟନ୍ତୀ ଅବସରରେ ନାରାୟଣ ବୀରବର ସାମନ୍ତ ଟ୍ରଷ୍ଟ ପକ୍ଷରୁ ପାରାଦୀପ ର ଜୟଦେବ ସଦନ ପରିସରରେ ମଙ୍ଗଳବାର ଦିନ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପାରାଦୀପ ବିଧାୟକ ତଥା ଲୋକପ୍ରିୟ ମନ୍ତ୍ରୀ ଏବଂ ଟ୍ରଷ୍ଟ ର ସଭାପତି ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ପ୍ରଥମେ ସାମନ୍ତ ଙ୍କ ଫୋଟଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହାପରେ ସେ ପାରାଦୀପ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ପାଇଁ ଆମ୍ବୁଲାନ୍ସ ଓ ଅଭିଯୋଗ ସମାଧାନ ମୋବାଇଲ ଜନସେବା ଆପ୍ଲିକେଶନ କୁ ଉଦଘାଟନ କରିଥିଲେ । ମୋବାଇଲ ପ୍ଲେ ଷ୍ଟୋର ରେ ଏହି ଆପ୍ଲିକେସନଟି ଉପଲବ୍ଧ ରହିଛି ଏବଂ ଯେକୌଣସି ବ୍ୟକ୍ତି ଏଥିରେ ପଞ୍ଜିକୃତ ହୋଇ ଆମ୍ବୁଲାନ୍ସ ସେବା ସହ ଜନ ଅଭିଯୋଗ ସେବା ବିନା ଶୁଳ୍କରେ ପାଇପାରିବେ । ତେବେ ରାଜ୍ୟର ପ୍ରଥମ ମନ୍ତ୍ରୀ ଭାବେ ନିଜସ୍ୱ ପ୍ରଚେଷ୍ଟାରେ ସମ୍ପଦ ସ୍ୱାଇଁ ଏହି ସେବାର ଲୋକାର୍ପଣ କରିଛନ୍ତି କ୍ଷ ଏହି ଅବସରରେ ଶିଳ୍ପମନ୍ତ୍ରୀ ଶ୍ରୀ ସ୍ୱାଇଁ ଦୁଇଟି ନୂତନ ଆମ୍ବୁଲାନ୍ସ କୁ ନଡ଼ିଆ ବାଡେଇ ଓ ପତାକା ଦେଖାଇ ଉଦଘାଟନ କରିଥିବା ବେଳେ ଏହି ଦୁଇଟି ଆପ୍ ସେବା ପ୍ରଦାନକାରୀ ବ୍ୟବସ୍ଥା ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସେତୁ ପରି କାର୍ଯ୍ୟ କରିବ ବୋଲି କହିଥିଲେ । ତେବେ ନାରାୟଣ ବୀରବର ସାମନ୍ତ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ଓ ପାରାଦୀପ ବନ୍ଦର ନିର୍ମାଣର ଜଣେ ପୁରୋଧା ଥିବା ସତ୍ତ୍ୱେ ସେ ଲୋକଲୋଚନକୁ ନଆସିବା ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ । ଏବଂ ତାଙ୍କର ପ୍ରତ୍ୟେକ ଜନ୍ମତିଥିରେ ଟ୍ରଷ୍ଟ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ତାଙ୍କର ତ୍ୟାଗ ଓ ସମାଜସେବା ବିଷୟରେ ସାଧାରଣରେ ସଚେତନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଲ୍ଲେଖ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମକୁ ନାରାୟଣ ବୀରବର ସାମନ୍ତ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ତପନ ସାମନ୍ତରାୟ, ସାଧାରଣ ସମ୍ପାଦକ ତପନ ତ୍ରିପାଠୀ, ଉପସଭାନେତ୍ରୀ କଳ୍ପନା ସ୍ୱତାର ପରିଚାଳନା କରିଥିବା ବେଳେ ସମସ୍ତ ସଦସ୍ୟ ମାନେ ସକ୍ରିୟ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ଙ୍କ ପ୍ରତିନିଧି ସର୍ବ ?ଶ୍ୱର ବଳିୟାରସିଂହ, ବିଜେପି ପାରାଦୀପ ମଣ୍ଡଳ ସଭାପତି ତଥା ପୌରପାଳିକା ପାରିଷଦ ସୁବ୍ରତ ପ୍ରଧାନ,ପାରିଷଦ ପ୍ରତାପ ଚନ୍ଦ୍ର ନାୟକ,ବିଜେପି ନେତା ରଞ୍ଜନ କୁମାର ବେହେରା,ଅର୍ଜିଲା ଶିବା, ସୋଲେମାନ ରାଜୁ, ସର୍ବ ?ଶ୍ୱର ଜେନା, ଦିଲ୍ଲୀପ ବଳିୟାରସିଂହ, ଜିତେନ୍ଦ୍ର ସାହୁ, ଦିଲୀପ ବେହେରା, ଗୌରାଙ୍ଗ ମଣ୍ଡଳ, ମହିଳା ନେତ୍ରୀ ପ୍ରୀତିରେଖା ମାନ୍ନା, ବିଷ୍ଣୁପ୍ରିୟା ଶତପଥୀ,ମିନାକ୍ଷୀ ବେହେରା,କନକଲତା ସାହୁ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ କ୍ଷ ତେବେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଙ୍କ ଏଭଳି ଜନସେବା ଚିନ୍ତାଧାରାକୁ ସର୍ବସାଧାରଣରେ ଭୁୟସୀ ପ୍ରଶଂସା କରାଯାଉଥିବା ବେଳେ ତାଙ୍କ ନାମରେ ମିଥ୍ୟା ଅପବାଦ ଓ ଅପପ୍ରଚାର କରୁଥିବା କିଛି ବିରୋଧୀ ଙ୍କ ମୁହଁ ଏବେ ବଙ୍କା ହୋଇଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray